# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୁରୀ

**(ଭୂ-ଅର୍ଜନ ଉପବିଭାଗ)**

**ସଂଖ୍ୟା-**783**, ତା**23.08.24

## ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସମସ୍ତ ପ୍ରଭାବିତ ବ୍ୟକ୍ତିଙ୍କୁ ଜଣାଇ ଦିଆଯାଉଅଛି ଯେ ପ୍ରକଳ୍ପ **"ଖୋର୍ଦ୍ଧା-ପୁରୀ ମୁଖ୍ୟ ରାସ୍ତାର ସାକ୍ଷୀଗୋପାଳ ଅଳଗୁମ ରାସ୍ତାରେ ପ୍ରସ୍ତାବିତ ରେଳ ଉପର ପୋଲ ନିର୍ମାଣ ଏଲ.ସି ସଂଖ୍ୟା କେ.ପି -୨୭ ମାପ ସଂଖ୍ୟା ୦/୪୭୦ କି.ମି ନିମନ୍ତେ ଜମି ଅଧିଗ୍ରହଣ (ଟିଓଆର-୭୪-୦୦୦୦୧)"** ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୁଡାନ୍ତ ରିପୋର୍ଟ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ପାଇଁ ଏକ ବୈଠକ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ତା ୨୦.୦୮.୨୦୨୪ ପୂର୍ବାହ୍ନ ୧୧ଘଟିକା ସମୟରେ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ, ପୁରୀରେ ଅନୁଷ୍ଠିତ ହୋଇଥିଲା । ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ କୁ ପର୍ଯ୍ୟାଲୋଚନା କରିବା ପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିସ କରି ଯଥା ଯୋଗ୍ୟ ସରକାର ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ସୁପାରିଶ ରିପୋର୍ଟଟି, ଭୂ-ଅର୍ଜନ ଅଧିକାରୀ,ପୁରୀ , ଉପ-ଜିଲ୍ଲାପାଳ ପୁରୀଙ୍କ କାର୍ଯ୍ୟାଳୟ, ବ୍ଲକ ଉନ୍ନୟନ ଅଧିକାରୀ, ସତ୍ୟବାଦୀ ତଥା ତହସିଲଦାର, ସତ୍ୟବାଦୀଙ୍କ କାର୍ଯ୍ୟାଳୟରେ ତନଖି କରିବା ପାଇଁ ଉପଲବ୍ଧ ଅଟେ । ଇଚ୍ଛୁକ ପ୍ରଭାବିତ ବ୍ୟକ୍ତିମାନେ ଏହା ତନଖି କରିପାରିବେ । ଏହାର ନକଲ ଜିଲ୍ଲା ସୂଚନା (www.puri.odisha.gov.in) ୱେବ ସାଇଟରେ ମଧ୍ୟ ଉପଲବ୍ଧ ଅଟେ ।

(signature) ୨୩.୦୮.୨୦୨୪

**ଭୂ ଅର୍ଜନ ଅଧିକାରୀ,ପୁରୀ**

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟ

**ସ୍ଥାନ - ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ, ପୁରୀ**
**ତା-୨୦.୦୮.୨୪ ରିଖ ଅପରାହ୍ନ ୪ ଘଟିକା**

(ପୁରୀ ଜିଲ୍ଲାର ସତ୍ୟବାଦୀ ତହସିଲ ଅନ୍ତର୍ଗତ ୨ ଗୋଟି ଗ୍ରାମରେ **"ପୁରୀ ସାକ୍ଷୀଗୋପାଳ ଠାରେ ରେଲୱେ ଓଭର ବ୍ରିଜ, ନିର୍ମାଣ ନିମନ୍ତେ"** ଜମି ଅଧିଗ୍ରହଣ ସମ୍ପର୍କେ)

### ବୈଧାନିକ ବ୍ୟବସ୍ଥା

" **ଖୋର୍ଦ୍ଧା -ପୁରୀ ମୁଖ୍ୟ ରାସ୍ତାର ସାକ୍ଷୀଗୋପାଳ ଅଲଗୁମ ରାସ୍ତାରେ ପ୍ରସ୍ତାବିତ ରେଳ ଉପର ପୋଲ ନିର୍ମାଣ L.C. ସଂଖ୍ୟା KP-୨୭ରାସ୍ତା ମାପ ସଂଖ୍ୟା ୦/୪୬୦ କି.ମି ନିମନ୍ତେ ଜମି ଅଧିଗ୍ରହଣ (ଟିଓଆର-୭୪-୦୦୦୦୧)**" ପୁରୀ ଜିଲ୍ଲାର ସତ୍ୟବାଦୀ ତହସିଲ ଅନ୍ତର୍ଗତ ୨ ଗୋଟି ଗ୍ରାମରେ ଏ ୩.୮୩୫୫ ଡିସିମିଲି ବ୍ୟକ୍ତିଗତ ମାଲିକାନା ଭୂମି ଅଧିଗ୍ରହଣ ନିମନ୍ତେ ରାସ୍ତା ଓ ପୂର୍ତ୍ତ ବିଭାଗ, ପୁରୀ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବାପରେ ତତସମ୍ପର୍କେ "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ-ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନମତେ ଅଧିସୂଚନା ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶିତ ହୋଇଅଛି।

### ଅଧିସୂଚନା:-

| କ୍ରମିକ ସଂଖ୍ୟା | ଗ୍ରାମ/ମୌଜା | ଜଗନ୍ନାଥ ମହାପ୍ରଭୁ ଜମି | ମଠ | ଅନ୍ୟ ଦେବତ୍ତର ସମ୍ପତି | ବ୍ୟକ୍ତିଗତ ଜମି | ସର୍ବୋମୋଟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ସତ୍ୟବାଦୀ ଓରଫ ପେଣ୍ଡପଡା ଓରଫ ଗୋପାଳପୁର ପାଟଣା | - | - | ୧.୩୦୦ | ୨.୩୧୮୫ | ୩.୬୧୮୫ |
| ୨ | ଜମ୍ବୁପୁର-୨ | - | - | - | ୦.୨୧୭ | ୦.୨୧୭ |
| ମୋଟ ଜମି | | | | | | ୩.୮୩୫୫ |

### *ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ*

ଉକ୍ତ ଅଧିସୂଚନା ମତେ " ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବ କୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ୱରକୁ ହସ୍ତାନ୍ତର କରଯାଇଥିଲା । ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର **"ଲାଇଫ ଏକାଡେମି ଅଫ ଭୋକେସନାଲ ଷ୍ଟଡ଼ିଜ"** ନାମକ ସ୍ୱାଧୀନ ଗବେଷଣା ସଂସ୍ଥାକୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟୀତ୍ୱ ଅର୍ପଣ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସଂପୂର୍ଣ୍ଣ ବିବରଣୀ, ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପରିବାରର ଆସବାବପତ୍ର, ପ୍ରଭାବିତ ହେବାକୁ ଥିବା କୋଠାବାଡି, ବ୍ୟବସାୟିକ ସ୍ଥଳୀ, ଆତ୍ମ ନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ଓ ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚୀରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP)" ମଧ୍ୟ ପ୍ରସ୍ତୁତ କରାଯାଇଛି ।

## ଜନଶୁଣାଣି (ଧାରା-୫)

"ନ୍ୟାୟୋଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣ ଥଇଥାନ ଓ ପୁନର୍ବାସ ଆଇନ-୨୦୧୩ ଧାରା ୫ ଅନୁସାରେ ୨ ଗୋଟି ପ୍ରଭାବିତ ମୌଜା ଯଥା- ଜୟପୁର-୨ ଓ ସତ୍ୟବାଦୀ ଓରଫ ପେଣ୍ଠପଡା ଓରଫ ଗୋପାଳପୁର ପାଟଣା ତା-୨୯.୦୨.୨୪ ରିଖରେ ଜନଶୁଣାଣି କାର୍ଯ୍ୟକ୍ରମ ବାଟ ମହାବୀର ମନ୍ଦିର , ସତ୍ୟବାଦୀ ଏବଂ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପେଣ୍ଠପଡା, ସତ୍ୟବାଦୀ ଯଥାକ୍ରମେ ଆୟୋଜନ କରଯାଇଥିଲା । ପ୍ରଭାବିତ ଗ୍ରାମରେ ଜନଶୁଣାଣି ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ପ୍ରଚାର ମାଧମରେ ଜଣାଇ ଦିଆଯାଇଥିଲା ।

ଉକ୍ତ ଜନଶୁଣାଣି ଗୁଡିକର ବିଶଦ ବିବରଣୀ ଚୁଡାନ୍ତ ସାମାଜିକ ପ୍ରଭାବ ବିବରଣୀରେ ଅନୁଧାନ ସର୍ବେକ୍ଷଣ ବର୍ଣ୍ଣନା ହୋଇଅଛି।

## ପ୍ରକାଶନ(ଧାରା-୬)

ଉକ୍ତ ଗ୍ରାମର ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା " ସାମାଜିକ ପ୍ରଭାବ ପରିଚାଳନା ଯୋଜନା" ବିବରଣୀକୁ ଆଇନର ଧାରା ୬ ମତେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣ କେନ୍ଦ୍ର ଚିଠି ସଂଖ୍ୟା- SIA-୧୮୫୧, ତା ୧୦.୦୩.୨୦୨୪ ଦ୍ୱାରା ବିଧିବଦ୍ଧ ଭାବେ ପ୍ରକାଶନ କରଯାଇଥିଲା ।

## ଆଇନର ଧାରା ୭ ଉପଧାରା ୧ ଅନୁସାରେ " ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୁଡାନ୍ତ ସାମାଜିକ ପ୍ରଭାବ ଆଇନର ଅଧୟନ ମୂଲ୍ୟାୟନ ଓ ସୁପାରିଶ:-

"ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩" ର ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ" ଦଳଙ୍କ ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୁଡାନ୍ତ ରିପୋର୍ଟକୁ ଅନୁଧାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କୁ ଜଣାଇବାର ବ୍ୟବସ୍ଥା ହୋଇଅଛି ।

ତେଣୁ ଉକ୍ତ ଆଇନର ଧାରା (୭) ଉପଧାରା (୧) ମତେ ନିମ୍ନ ଦର୍ଶିତ ବ୍ୟକ୍ତି ବିଶେଷଙ୍କୁ ନେଇ "ବିଶେଷଜ୍ଞ ଦଳ" ଜିଲ୍ଲାପାଳ, ପୁରୀଙ୍କ ଚିଠି ସଂଖ୍ୟା ୭୪୮/ ତା-୦୭.୦୮.୨୦୨୪ ଦ୍ୱାରା ଗଠନ କରାଯାଇଅଛି। ସ୍ୱତନ୍ତ୍ର- ବହୁଦର୍ଶୀ ବିଶେଷଜ୍ଞ ଦଳ

୧. ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ - ଅଧକ୍ଷ- ତଥା ବୈଷୟିକ ବିଶେଷଜ୍ଞ

୨. ଶ୍ରୀଯୁକ୍ତ ଗୋପୀନାଥ କୁଆଁର, ଉପ-ଜିଲ୍ଲାପାଳ, ପୁରୀ - ସଭ୍ୟ - ତଥା- ଆବାହକ

୩. ଡ: ରବୀନ୍ଦ୍ର ନାଥ ମିଶ୍ର, ଅବସରପ୍ରାପ୍ତ ଅଧକ୍ଷ, ସୁରଜମଲ ସାହା ମହାବିଦ୍ୟାଳୟ- ସାମାଜିକ ବିଶେଷଜ୍ଞ

୪. ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ, ଅବସରପ୍ରାପ୍ତ ଅଧାପକ ସାମାଜିକ ବିଜ୍ଞାନ - ସାମାଜିକ ବିଶେଷଜ୍ଞ

୫. ଶ୍ରୀ ଲମ୍ବୋଦର ସାହୁ, ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ଅଧିକାରୀ - ଥଇଥାନ ବିଶେଷଜ୍ଞ

୬. ଶ୍ରୀ ଲିଙ୍ଗରାଜ ପଣ୍ଡା,ଉପଦେଷ୍ଟା ଥଇଥାନ ଓ ପୁନର୍ବାସ - ଥଇଥାନ ବିଶେଷଜ୍ଞ

୭. ଶ୍ରୀମତୀ ଆରଧନା ସାମନ୍ତରାୟ , ସରପଞ୍ଚ ଜୟପୁର ଗ୍ରାମ ପଂଚାୟତ

୮. ଶ୍ରୀ ଚିନ୍ମୟ ରାଉତ - ସରପଞ୍ଚ ପେଣ୍ଠପଡା ଗ୍ରାମ ପଂଚାୟତ

ଉପରୋକ୍ତ ବ୍ୟକ୍ତି ବିଶେଷମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀଙ୍କୁ ଅଧକ୍ଷ ରୂପେ ମନୋନିତ କରାଯାଇଛି। ସାମାଜିକ ପ୍ରବାହ ନିର୍ଦ୍ଧାରଣ ସର୍ବେକ୍ଷେଣର ମୂଲ୍ୟାୟନ ନିମନ୍ତେ ନିର୍ଦ୍ଧାରିତ ସମୀକ୍ଷା ବୈଠକ ପ୍ରସ୍ତୁତି ପାଇଁ ଆୟୋଜିତ କରାଯାଇଥିଲା । ଏହି ବୈଠକରେ ସମସ୍ତ ବିଶେଷଜ୍ଞ ଦଳର ସଦସ୍ୟ, ଭୂ-ଅର୍ଜନ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ (ଥଇଥାନ ଓ ବିସ୍ଥାପନ), ପୁରୀ ଏହି ବୈଠକରେ ଭାଗ ନେଇଥିଲେ ।

## ସାମାଜିକ ପ୍ରବାହ ନିର୍ଦ୍ଧାରଣ ସର୍ବେକ୍ଷେଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ

ଆଇନର ଧାରା ୭ ଉପଧାରା ୧ ଅନୁସାରେ ପ୍ରକାଶନ ହୋଇଥିବା ଚୂଡାନ୍ତ ସାମାଜିକ ପ୍ରବାହ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ବୈଠକ ଆହ୍ୱାନ କରାଯାଇଥିଲା । ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ତା-୨୦.୦୮.୨୦୨୪ ରିଖ ଅପରାହ୍ନ ୪ଘଟିକା ସମୟରେ ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ, ପୁରୀ ସମିଲ୍ଲନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା ।

ନିମ୍ନ ଲିଖିତ ସଦସ୍ୟମାନେ ଉପସ୍ଥିତ ଥିଲେ ।

୧. ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ - ଅଧକ୍ଷ- ତଥା ବୈଷୟିକ ବିଶେଷଜ୍ଞ

୨. ଡ: ରବୀନ୍ଦ୍ର ନାଥ ମିଶ୍ର, ଅବସରପ୍ରାପ୍ତ ଅଧକ୍ଷ, ସୁରଜମଲ ସାହା ମହାବିଦ୍ୟାଳୟ- ସାମାଜିକ ବିଶେଷଜ୍ଞ

୩. ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ, ଅବସରପ୍ରାପ୍ତ ଅଧାପକ ସାମାଜିକ ବିଜ୍ଞାନ - ସାମାଜିକ ବିଶେଷଜ୍ଞ

୪. ଶ୍ରୀ ଲମ୍ବୋଦର ସାହୁ, ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ଅଧିକାରୀ - ଥଇଥାନ ବିଶେଷଜ୍ଞ

୫. ଶ୍ରୀ ଲିଙ୍ଗରାଜ ପଣ୍ଡା,ଉପଦେଷ୍ଟା ଥଇଥାନ ଓ ପୁନର୍ବାସ - ଥଇଥାନ ବିଶେଷଜ୍ଞ

୬. ଶ୍ରୀ ଦେବଦତ୍ତ ସାମନ୍ତରାୟ , - ସରପଞ୍ଚ ପ୍ରତିନିଧି ଜୟପୁର ଗ୍ରାମ ପଂଚାୟତ

୭. ଶ୍ରୀ ଚିନ୍ମୟ ରାଉତ , - - ସରପଞ୍ଚ ପେଣ୍ଠପଡା ଗ୍ରାମ ପଂଚାୟତ

ବୈଠକ ପ୍ରାରମ୍ଭରେ ଜିଲ୍ଲା ଭୂ ଅର୍ଜନ ଅଧିକାରୀ ଉପସ୍ଥିତ ଅଧିକାରୀଙ୍କ ପରିଚୟ ପ୍ରଦାନ ପୂର୍ବକ ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ଜମି ସମ୍ବନ୍ଧରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ସେ ବୈଠକରେ ପ୍ରକାଶ କରିଥିଲେ କି ବର୍ତ୍ତମାନ ସତ୍ୟବାଦୀ ଓରଫ ପେଣ୍ଠପଡା ଓରଫ ଗୋପାଳପୁର ପାଟଣା ମୌଜାରେ ଏ ୩.୬୮୮୫ ଏବଂ ଜୟପୁର-୨ ମୌଜାରେ ଏ ୦.୨୧୭ **"ପୁରୀ ସାକ୍ଷୀଗୋପାଳ ଠାରେ ରେଲୱେ ଓଭର ବ୍ରିଜ, ନିର୍ମାଣ ନିମନ୍ତେ"** ଆବଶ୍ୟକତା ରହିଅଛି । ଅତିରିକ୍ତ ଜିଲ୍ଲାପାଳ (ଥଇଥାନ ଓ ବିସ୍ଥାପନ),ପୁରୀ ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ପୂର୍ବକ ସ୍ୱାଗତ ଅଭିଭାଷଣ ଉପସ୍ଥାପନ କଲେ । ତତପରେ ଆଲୋଚ୍ୟ ବିଷୟ ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରଭାବିତ ଗ୍ରାମର ଭିତ୍ତିଭୂମି ଜନଶୁଣାଣିର ସାରାଂଶ, କ୍ଷତିଗ୍ରସ୍ତ ପରିବାରଙ୍କ ଜୀବନ ଜୀବିକା, ଅଧିଗ୍ରହଣ ହେବାକୁ ଥିବା ବ୍ୟକ୍ତିଗତ ଜମି ଜମାର ସମସ୍ୟା, କ୍ଷତିଗ୍ରସ୍ତ ହେଉଥିବା ସରକାରୀ ଅନୁଷ୍ଠାନ କୋଠାବାଡି, ରାସ୍ତା ଏବଂ ବିସ୍ଥାପିତ ହେଉଥିବା ପରିବାରଙ୍କ ସ୍ଥିତି ନେଇ ଆଲୋଚନା ହୋଇଥିଲା ।

ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ, ଅଧକ୍ଷ- ତଥା ବୈଷୟିକ ବିଶେଷଜ୍ଞ **"ପୁରୀ ସାକ୍ଷୀଗୋପାଳ ଠାରେ ରେଲୱେ ଓଭର ବ୍ରିଜ, ନିର୍ମାଣ ନିମନ୍ତେ"** ପ୍ରକଳ୍ପର ଆବଶ୍ୟକତା ଏବଂ ବିସ୍ତାପିତଙ୍କୁ କେମିତି ଥଇଥାନ କରାଯିବ ଜାଣିବାକୁ ଚାହିଁଥିଲେ । ସହକାରୀ ଯନ୍ତ୍ରୀ, ରାସ୍ତା ଓ ପୂର୍ତ୍ତ ବିଭାଗ, ପୁରୀ. **"ପୁରୀ ସାକ୍ଷୀଗୋପାଳ ଠାରେ ରେଲୱେ ଓଭର ବ୍ରିଜ, ନିର୍ମାଣ ନିମନ୍ତେ"** ପ୍ରକଳ୍ପର ନକ୍ସା ଓ ପରିକଳ୍ପନାକୁ

ବିଶେଷଜ୍ଞ ଦଳ ସାମ୍ନାରେ ପ୍ରସ୍ତୁତ କଲେ । ଅତିରିକ୍ତ ଜିଲ୍ଲାପାଳ (ଥଇଥାନ ଓ ବିସ୍ଥାପନ),ପୁରୀ ଉକ୍ତ ପ୍ରକଳ୍ପର ନିର୍ମାଣ ର ଆବଶ୍ୟକତା ଏବଂ ଥଇଥାନ ଓ ବିସ୍ଥାପନ ନୀତିକୁ ଗୃହରେ ମତବ୍ୟକ୍ତ କରିଥିଲେ ଏବଂ ଉକ୍ତ ପ୍ରକଳ୍ପର ଯଥାର୍ଥ ଆବଶ୍ୟକତା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ ।

ଶ୍ରୀଯୁକ୍ତ ସମୀର ପରିଡା, ଲାଇଫ ଏକାଡେମୀ ଅଫ ଭୋକେସନାଲ ଷ୍ଟଡିଜର ସଦସ୍ୟ, ନବ କୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ହୋଇଥିବା ସାମାଜିକ ମୂଲ୍ୟାୟନ ପ୍ରଭାବ ପୁସ୍ତକକୁ ଗୃହରେ ପଢି ଶୁଣାଇଥିଲେ । ପ୍ରଭାବିତ ଗ୍ରାମ ସତ୍ୟବାଦୀ ଓରଫ ପେଣପଡା ଓରଫ ଗୋପାଳପୁର ପାଟଣା ଏବଂ ଜୟପୁର-୨ ,ପେଣ୍ଟପଡା ପଞ୍ଚାୟତ ଅଧିନସ୍ଥ ସତ୍ୟବାଦୀ ତହସିଲ ଅନ୍ତର୍ଗତ ଅଟେ । ମୋଟ ୭୪୮ ପରିବାର ତଥା ବ୍ୟବସାୟୀ ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଛନ୍ତି ଏହି ତଥ୍ୟ ସାମାଜିକ ପ୍ରବାହ ଆକଳନ ବିବରଣୀରୁ ଜଣାଯାଏ । ପ୍ରଭାବିତ ଗ୍ରାମର ସମସ୍ୟା ଓ ତାହାର ସମାଧାନ ନିମନ୍ତେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ପରିଶେଷରେ ଆଜିର ବୈଠକରେ ପୌରୋହିତ୍ୟ କରୁଥିବା ବିଶେଷଜ୍ଞ ଦଳର ଅଧକ୍ଷ ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର ଏକ ପ୍ରାଞ୍ଜଳ ଅଭିଭାଷଣ ବ୍ୟକ୍ତ କରି, କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଆଇନର ସମୁଚିତ ଧାରାରେ ଉପଯୁକ୍ତ କ୍ଷତିପୂରଣ ଦେଇ ପ୍ରତ୍ୟେକ ପ୍ରଭାବିତ ପରିବାରଙ୍କ ସମସ୍ୟା ଦୂର କରିବା ନିମନ୍ତେ ଭୂ-ଅର୍ଜନ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଶ୍ରୀ ନୀହାର ରଞ୍ଜନ ପଟ୍ଟନାୟକ , ଅବସରପ୍ରାପ୍ତ ଅଧ୍ୟାପକ ସାମାଜିକ ବିଜ୍ଞାନ ତଥା ସାମାଜିକ ବିଶେଷଜ୍ଞ ଉକ୍ତ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ହେଉଥିବା ବେସରକାରୀ ଜମିର ଉପଯୁକ୍ତ କ୍ଷତିପୂରଣ ଉପଯୁକ୍ତ ହିତାଧିକାରୀଙ୍କୁ ପ୍ରଦାନ କରିବା ପାଇଁ ଉପଦେଶ ଦେଲେ ।

ଶ୍ରୀଯୁକ୍ତ ଚିନ୍ମୟ ରାଉତ ସରପଞ୍ଚ ପେଣପଡା ନିଜର ମତାମତ ମାଧମରେ ଗୃହକୁ ଜଣାଇଥିଲେ ଯେ ସାକ୍ଷୀଗୋପାଳ ରେଲୱେ ଓଭର ବ୍ରିଜ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଛୋଟ ଦୋକାନୀ ମାନଙ୍କର ଥଇଥାନ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରନ୍ତୁ । ଛୋଟ ଦୋକାନୀ ମାନଙ୍କର ବ୍ୟବସାୟ ଦର୍ଶନାର୍ଥୀଙ୍କ ଉପରେ ନିର୍ଭର କରୁଥିବାରୁ ସେମାନଙ୍କୁ ମନ୍ଦିର ପାଖରେ ଥଇଥାନ କରାଯାଉ ।

ଶ୍ରୀଯୁକ୍ତ ଦେବଦତ୍ତ ସାମନ୍ତରାୟ, ସରପଞ୍ଚ ପ୍ରତିନିଧି ଜୟପୁର ନିଜର ମତାମତ ମାଧମରେ ଗୃହକୁ ଜଣାଇଥିଲେ ଯେ ଏହି ଓଭର ବ୍ରିଜ ପାଇଁ ସତ୍ୟବାଦୀ ର ଲୋକମାନେ ବହୁ ଦିନରୁ ଅପେକ୍ଷା କରିଛନ୍ତି । ଯେହେତୁ ଗୋପୀନାଥ ଜୀଉଙ୍କୁ ଦର୍ଶନ ପାଇଁ ଦେଶ ବିଦେଶରୁ ବହୁ ଦର୍ଶନାର୍ଥୀ ଏଠାକୁ ଆସୁଛନ୍ତି । ଏହି ପ୍ରକଳ୍ପର ଆବଶ୍ୟକତା ଅଛି। ଦୋକାନୀ ଭାଇମାନେ ନିଶ୍ଚିତ ଭାବେ ପ୍ରଭାବିତ ହେବେ , ଆଇନାନୁଯାୟୀ ଦୋକାନୀ ଭାଇ ମାନଙ୍କୁ ଥଇଥାନ କରାଯାଉ । ସରକାର ଚାହିଁଲେ ବିସ୍ଥାପିତ ଦୋକାନୀ ମାନଙ୍କୁ RMC ସତ୍ୟବାଦୀ କିମ୍ବା ଅନ୍ୟ କୌଣସି ଜାଗାରେ ମାର୍କେଟ କମ୍ପ୍ଲେକ୍ସ କରି ଦେଇ ପାରିବେ । ଗୋପୀନାଥ ଜୀଉ ମନ୍ଦିର କମିଟି କିଛି ଦୋକାନ କରି ବିସ୍ଥାପିତ ମାନଙ୍କୁ ଥଇଥାନ କରି ପାରିବ। ଏହା ମନ୍ଦିର ର ରୋଜଗାର ମଧ ବଢାଇ ପାରିବେ ।

ସହକାରୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ତରଫରୁ ମାନସ ରଞ୍ଜନ ମଲ୍ଲିକ ଗୃହକୁ ଜଣାଇଲେ ଯେ ଏହି ପ୍ରକଳ୍ପ ଟି ବହୁତ ପୁରୁଣା ଓ ଭୂମି ଅଧିଗ୍ରହଣ ବହୁ ଶୀଘ୍ର ହେବ ଆବଶ୍ୟକ ।

ଶ୍ରୀ ଲମ୍ବୋଦର ସାହୁ , ଅବସର ପ୍ରାପ୍ତ ଓଡିଶା ପ୍ରଶାସନିକ ଅଧିକାରୀ ତଥା ଥଇଥାନ ବିଶେଷଜ୍ଞ ତାଙ୍କ ସୁଚିନ୍ତିତ ମତାମତ ମାଧମରେ ଗୃହକୁ ଜଣାଇଲେ ଯେ ଏହି ପ୍ରକଳ୍ପ ପାଇଁ ଅଳ୍ପ ଜମି ଅଧିଗ୍ରହଣ କାର୍ଯ୍ୟ

ଶୀଘ୍ର କରାଯାଉ । ମୁଁ ସତ୍ୟବାଦୀ ତହସିଲର ପ୍ରଥମ ତହସିଲଦାର ଥିଲି । ଏହି ପ୍ରକଳ୍ପର ଆବଶ୍ୟକତା ବହୁତ ଆଗରୁ ଅଛି । ସରକାର ସମସ୍ତଙ୍କୁ ଥଇଥାନ କରିବା ପାଇଁ ଚେଷ୍ଟା କରନ୍ତୁ । ଆଇନ ଅନୁଯାୟୀ ଥଇଥାନ କରାଯାଉ ।

ଡଃ ରବୀନ୍ଦ୍ର ନାଥ ମିଶ୍ର , ଅବସରପ୍ରାପ୍ତ ଅଧକ୍ଷ , ସୁରଜମଲ ସାହା ମହାବିଦ୍ୟାଳୟ ତଥା ସାମାଜିକ ବିଶେଷଜ୍ଞ ଗୃହକୁ ଜଣାଇଲେ ଯେ ଜମି ଅଧିଗ୍ରହଣ କାର୍ଯ୍ୟ ଶୀଘ୍ର ହେବା ଦରକାର । ବିସ୍ଥାପିତ ପରିବାର ମାନଙ୍କୁ ନିୟମ ମୁତାବକ ଥଇଥାନ କରାଯାଉ ।ଦୋକାନୀ ମାନଙ୍କ ଥଇଥାନ ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରନ୍ତୁ ।

ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର , ଅବସର ପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଅଧକ୍ଷ – ତଥା ବୈଷୟିକ ବିଶେଷଜ୍ଞ ଅଧିଗ୍ରହିତ ଜମିକୁ ପ୍ରସ୍ତାବିତ ପ୍ରକଳ୍ପରେ ସଦବ୍ୟବହାର କରାଯିବା ଏବଂ କ୍ଷତିଗ୍ରସ୍ତ ପରିବାର ମାନଙ୍କୁ ଉଚିତ କ୍ଷତିପୂରଣ ଦେବା ପାଇଁ ଗୁରୁତ୍ୱ ଆରୋପ କରିଥିଲେ ଏବଂ ତତସହିତ ଅନ୍ୟ କ୍ଷତିଗ୍ରସ୍ତ ପରିବାର ମାନଙ୍କୁ ଉପଯୁକ୍ତ ଥାଇଥାନର ବନ୍ଦୋବସ୍ତ କରିବା ପାଇଁ ଉପଦେଶ ଦେଲେ । ପ୍ରକଳ୍ପର ଆବଶ୍ୟକତା ଅଛି । ଏହା ଏକ ଭିତ୍ତିଭୂମି ବିକାଶ ପ୍ରକଳ୍ପ ହୋଇ ଥିବାରୁ ତଥା ଜନସାଧାରଣଙ୍କ ଆବଶ୍ୟକତା ଦୃଷ୍ଟିରୁ ଏହି ପ୍ରକଳ୍ପ ଆଗକୁ ବଢିବା ଆବଶ୍ୟକ । ପ୍ରକଳ୍ପ ନିର୍ମାଣ ସହିତ ଉପଯୁକ୍ତ ଡ୍ରେନ ନିର୍ମାଣ କରି ବର୍ଷା ଜଳ ନିଷ୍କାସନ ପ୍ରତି ଧ୍ୟାନ ଦେବା ନିମନ୍ତେ ଅନୁରୋଧ କରିଥିଲେ ।

## ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟର ମୂଲ୍ୟାୟନ

ପ୍ରାପ୍ତ ହୋଇଥିବା ଚୂଡାନ୍ତ ସାମାଜିକ ପ୍ରଭାହ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ । **"ପୁରୀ ସାକ୍ଷୀଗୋପାଳ ଠାରେ ରେଲୱେ ଓଭର ବ୍ରିଜ, ନିର୍ମାଣ ନିମନ୍ତେ"** " ପ୍ରକଳ୍ପର ସଂପୂର୍ଣ୍ଣ ଡିଜାଇନ ଉପଯୁକ୍ତ ଇଞ୍ଜିନିୟରିଂ ଡିଜାଇନ ମାଧମରେ ପ୍ରସ୍ତୁତ କରାଯାଇ ଜମି ଅଧିଗ୍ରହଣର ପ୍ରତିକୂଳ ପ୍ରଭାବକୁ ଯଥେଷ୍ଟ କମ୍ କରାଯାଇଥିବା ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ଯେ **"ପୁରୀ ସାକ୍ଷୀଗୋପାଳ ଠାରେ ରେଲୱେ ଓଭର ବ୍ରିଜ, ନିର୍ମାଣ ନିମନ୍ତେ"** ପାଇଁ ସର୍ବନିମ୍ନ ଜମି ଅଧିଗ୍ରହଣ ହେଉଅଛି । ଅଧିକୃତ ହେଉଥିବା ଜମି ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ଜମି ଅଧିଗ୍ରହଣ ଯୋଗ୍ୟ ନୁହେଁ । ଯେପରି ସର୍ବନିମ୍ନ ଜନବସତି ବିସ୍ଥାପନ ହେବ, ସେଥିପ୍ରତି ଯଥେଷ୍ଟ ପଦକ୍ଷେପ ନିଆଯାଇଅଛି, ପୁନଶ୍ଚ ସର୍ବନିମ୍ନ ପରିମାଣର ବ୍ୟକ୍ତିଗତ ମାଲିକାନା ଜମିକୁ ଅଧିଗ୍ରହଣ କରି ଉକ୍ତ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଅଛି । ଏହା ପରେ ଜନଶୁଣାଣିରେ ଉତ୍ଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନମତେ ଆଲୋଚନା କରାଯାଇଥିଲା ।

" **ଖୋର୍ଦ୍ଧା –ପୁରୀ ମୁଖ୍ୟ ରାସ୍ତାର ସାକ୍ଷୀଗୋପାଳ ଅଳଗୁମ ରାସ୍ତାରେ ପ୍ରସ୍ତାବିତ ରେଳ ଉପର ପୋଲ ନିର୍ମାଣ L.C. ସଂଖ୍ୟା KP-୨୭ରାସ୍ତା ମାପ ସଂଖ୍ୟା ୦/୪୭୦ କି.ମି ନିମନ୍ତେ ଜମି ଅଧିଗ୍ରହଣ (ଟିଓଆର-୭୪-୦୦୦୦୧)"** " ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲେ ଏହି ପ୍ରକଳ୍ପଦ୍ୱାରା ସତ୍ୟବାଦୀ ବାସୀ  ଯାତାୟାତ ପାଇଁ ଉଲ୍ଲେଖନୀୟ ସୁବିଧା  ପାଇବେ ।

ଶେଷରେ ନୂତନ ଆଇନର ପ୍ରଦତ୍ତ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବାପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥା ଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

ସଭାଶେଷରେ   ଭୂମି ଅଧିଗ୍ରହଣ ଅଧିକାରୀ, ପୁରୀ ଉପସ୍ଥିତ ସମସ୍ତ ସଭ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ପୂର୍ବକ ସଭା ସାଙ୍ଗ ହୋଇଥିଲା ।

**ଅଧକ୍ଷ**
**ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ**

**<u>ସଭ୍ୟ</u>**

| | |
|---|---|
| ୧. ଅତିରିକ୍ତ ଜିଲ୍ଲାପାଳ, ପୁରୀ | |
| ୨. ଡ: ରବୀନ୍ଦ୍ର ନାଥ ମିଶ୍ର, ଅବସରପ୍ରାପ୍ତ ଅଧକ୍ଷ, ସୁରଜମଲ ସାହା ମହାବିଦ୍ୟାଳୟ | |
| ୩. ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ, ଅବସରପ୍ରାପ୍ତ ଅଧାପକ ସାମାଜିକ ବିଜ୍ଞାନ | |
| ୪. ଶ୍ରୀ ଲମ୍ବୋଦର ସାହୁ, ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ଅଧିକାରୀ | |
| ୫. ଶ୍ରୀ ଲିଙ୍ଗରାଜ ପଣ୍ଡା,ଉପଦେଷ୍ଟା ଥଇଥାନ ଓ ପୁନର୍ବାସ | |
| ୬. ଶ୍ରୀ ଦେବଦତ୍ତ  ସାମନ୍ତରାୟ ,ସରପଞ୍ଚ ପ୍ରତିନିଧି ଜୟପୁର | |
| ୭.  ଶ୍ରୀ  ଚିନ୍ମୟ ରାଉତ , ସରପଞ୍ଚ, ପେଣ୍ଠପଡା | |